# ‘ଯୁବ ଲେଖକଙ୍କ ଭିତରେ ରହିଛି ପ୍ରଚୁର ସୃଜନଶୀଳତା’

ଭୁବନେଶ୍ୱର,୧୩।୧(ନି.ପ୍ର): କେନ୍ଦ୍ର ସାହିତ୍ୟ ଅକାଦେମି ତରଫରୁ ଯୁବ ପୁରସ୍କାରପ୍ରାପ୍ତ ଲେଖକଙ୍କ ଏକ ସମ୍ମେଳନ ବୁଦ୍ଧ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ସାହିତ୍ୟ ଅକାଦେମିର ଉପସଭାପତି ପ୍ରଫେସର କୁମୁଦ ଶର୍ମା କହିଥିଲେ ଯେ, ଯୁବ ଲେଖକଙ୍କ ମଧ୍ୟରେ ପ୍ରଚୁର ସୃଜନଶୀଳତା ରହିଛି। ସେମାନେ ନିଜ ନିଜ ଅନୁଭୂତି ଏବଂ ଅନୁଭବକୁ ଖୁବ୍ ସୁନ୍ଦର ଭାବରେ ସାହିତ୍ୟ ମାଧ୍ୟମରେ ପରିପ୍ରକାଶ କରୁଛନ୍ତି। ସାମାଜିକ ସମସ୍ୟାରୁ ପ୍ରେରିତ ହୋଇ ମଧ୍ୟ ସେମାନେ ସାହିତ୍ୟ ସୃଷ୍ଟି କରୁଛନ୍ତି। ଉପସ୍ଥିତ ଥିବା ୨୨ଟି ଭାଷାର ଯୁବ ଲେଖକ ଲେଖିକା ନିଜ ନିଜର ସାରସ୍ୱତ ଅନୁଭୂତି ପ୍ରକାଶ କରିଥିଲେ।

ନିଜ ଅନୁଭୂତି ପ୍ରକାଶ କରି ସଞ୍ଜୟ କୁମାର ପଣ୍ଡା (ଓଡ଼ିଆ) ପୁରସ୍କାର ପାଇଁ କୃତଜ୍ଞତା ପ୍ରକାଶ କରିବା ସହ ସାହିତ୍ୟ ଯାତ୍ରାରେ ତାଙ୍କ ଗ୍ରାମ ଇରମର ପ୍ରଭାବକୁ ରେଖାଙ୍କିତ କରିଥିଲେ। ସେ ସ୍ୱର ନଥିବା ଲୋକଙ୍କର ସ୍ୱର ହେବା ଉପରେ ଗୁରୁତ୍ୱ ଦେଇଥିଲେ। ରିଙ୍କି ଝା ଋଷିକା (ମୈଥିଳି) ଜଣେ କବି ଭାବରେ ତାଙ୍କର ଯାତ୍ରାକୁ ସ୍ମରଣ କରିଥିଲେ, ଯାହା ତାଙ୍କ ଜେଜେବାପା ଏବଂ ପ୍ରକୃତି ପ୍ରତି ପ୍ରେମ ଦ୍ୱାରା ଅନୁପ୍ରାଣିତ ବୋଲି କହିଥିଲେ। ଗୌରବ ପାଣ୍ଡେ (ହିନ୍ଦୀ) କହିଲେ ଯେ, ତାଙ୍କ ସୃଜନଶୀଳ ଯାତ୍ରା ପିତାଙ୍କ ଶିକ୍ଷା ଓ ମାତାଙ୍କ ରଚନା ଦ୍ୱାରା ବିଶେଷ ପ୍ରଭାବିତ। ତାଙ୍କ କୃତିମାନଙ୍କ ବିଷୟବସ୍ତୁ, ଯେପରିକି ‘ପୃଥିବୀ ମଧ୍ୟ ଏକ ପକ୍ଷୀ’ କରୁଣା, ପ୍ରେମ ଓ ସମ୍ପର୍କରେ ଥିବା ଆହ୍ୱାନକୁ ଉତ୍ଥାପନ କରିଥାଏ, ଯେଉଁ କାରଣରୁ ଆଜି ସେଗୁଡ଼ିକ ଅତ୍ୟନ୍ତ ପ୍ରାସଙ୍ଗିକ ମନେ ହୋଇଥାଏ। ସାହିତ୍ୟ ଅକାଦେମିର ସଚିବ ଡ. କେ. ଶ୍ରୀନିବାସରାଓ ସ୍ୱାଗତ ଭାଷଣ ଦେବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ।

ସୂଚନା ଅନୁସାରେ ଗତକାଲି ସାହିତ୍ୟ ଅକାଦେମିର ଯୁବ ପୁରସ୍କାର ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହି ସମାରୋହରେ ୨୨ଟି ଭାରତୀୟ ଭାଷାର ଯୁବ ଲେଖକଙ୍କୁ ୨୦୨୪ ବର୍ଷର ଯୁବ ପୁରସ୍କାର ପ୍ରଦାନ କରାଯାଇଥିଲା।

